

# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

ଅକ୍ଟୋବର-୨୦୨୦ OCTOBER - 2020


## ଶ୍ରୀମନ୍ଦିରରେ ଦଶହରା ପର୍ବ

ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥି ବିଜୟାଦଶମୀ ବା ଦଶହରା ନାମରେ ଖ୍ୟାତ । ଏହାର ଅନ୍ୟ ଏକ ନାମ ଅପରାଜିତା ଦଶମୀ । ଏହି ଦିନ ଶ୍ରୀମନ୍ଦିର ଦଶହରା ପର୍ବ ପାରମ୍ପରିକ ବିଧି ଅନୁଯାୟୀ ପାଳିତ ହୋଇଥାଏ । ଦଶହରା ଦିନ ଅବକାଶ ସରି ତିନି ବାଡ଼ରେ ଚନ୍ଦନଲାଗି ବଢ଼ିବା ପରେ ନୂଆଲୁଗା ଓ ସୁବର୍ଣ୍ଣର ଅଳଙ୍କାରମାନ ଲାଗି ହୋଇ ଶ୍ରୀବିଗ୍ରହମାନଙ୍କର ଚିତ୍ତାକର୍ଷକ ରାଜବେଶ ଅନୁଷ୍ଠିତ ହୋଇଥାଏ । ଏହି ବେଶରେ ଠାକୁରମାନଙ୍କ ଶ୍ରୀଅଙ୍ଗରେ ପାଞ୍ଚଖଣ୍ଡ ଆଜ୍ଞାମାଳ ଲାଗି କରାଯାଇଥାଏ । ମହାପ୍ରଭୁଙ୍କର ଗୋପାଳବଲ୍ଲଭ ଓ ସକାଳଧୂପ ସମାପ୍ତ ହେବା ପରେ ପୂଜା ପାଉଥିବା ଶ୍ରୀବଳଭଦ୍ରଙ୍କର ହଳ, ମୂଷଳ ଦେବୀ ସୁଭଦ୍ରାଙ୍କର ତଡ଼ଗୀ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶଙ୍ଖ ଓ ଚକ୍ରାଦି ଆୟୁଧମାନଙ୍କୁ ଭଣ୍ଡାର ଦ୍ୱାରଠାରେ ପୂଜାପଣ୍ଡା ସେବକ ମହାସ୍ନାନ କରାଇ ବରୁଣ ପୂଜା କରିଥାନ୍ତି । ଏହାପରେ ତିନିଗୋଟି ରୂପା ଥାଳିରେ ତିନି ଠାକୁରଙ୍କର ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ତିନିଥର ମନ୍ଦିର ପ୍ରଦକ୍ଷିଣ କରାଇ ଭିତର ସିଂହାସନକୁ ବିଜେ କଲାପରେ ତିନି ବାଡ଼ରେ ଆୟୁଧଲାଗି ହୁଏ । ଦଶହରା ପଦା (ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସ୍ଥିତ ମହାଖଳା)କୁ ଯିବା ପାଇଁ ଦକ୍ଷିଣିଘରେ ଶ୍ରୀମଦନମୋହନ, ଶ୍ରୀରାମ ଓ ଶ୍ରୀକୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥାନ୍ତି । ଭିତରେ ମହାପ୍ରଭୁଙ୍କର ଆଳତି ବଢ଼ିଲେ ଦକ୍ଷିଣଘରୁ ଶ୍ରୀମଦନମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ ଓ ଭଣ୍ଡାରରୁ ରୁନ୍ଧାରେ ଥିବା ଶ୍ରୀଦୁର୍ଗାମାଧବ ରତ୍ନ ସିଂହାସନକୁ ବିଜେ କରନ୍ତି । ସେଠାରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ତିନି ବାଡ଼ରେ ମଙ୍ଗଳାର୍ପଣ ନୀତି ସମ୍ପାଦନ କରିଥାନ୍ତି । ପୂଜାପଣ୍ଡା ସେବକ ପାଞ୍ଚଜଣ ବିଜେ ପ୍ରତିମାମାନଙ୍କୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି । ଏହାପରେ ମହାଜନ ସେବକମାନେ ଉକ୍ତ ପ୍ରତିମାମାନଙ୍କୁ ହାତରେ ନେଇ ଜଗମୋହନ ଦେଇ ବଟମୂଳେ ରଖାଯାଇଥିବା ପାଲିଙ୍କିରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ, ବିମାନରେ, ଶ୍ରୀମଦନମୋହନଙ୍କୁ ଏବଂ ରଥରେ ଶ୍ରୀଦୁର୍ଗାମାଧବଙ୍କୁ ବିଜେ କରାଇଥାନ୍ତି । ଏଠାରେ ରୁନ୍ଧାକାର୍ଯ୍ୟ ସରିବା ପରେ ବିମାନବଡୁ ସେବକମାନେ ଠାକୁରମାନଙ୍କୁ ବଡ଼ଦାଣ୍ଡସ୍ଥିତ ଶ୍ରୀଜଗନ୍ନାଥ ବଲ୍ଲଭ ମଠର ମହାଖଳା ପଦାକୁ ବିଜେ କରାଇଥାନ୍ତି । ସେଠାରେ ପ୍ରସାଦଲାଗି, ଶୀତଳଭୋଗ ଓ ବନ୍ଦାପନା ପ୍ରଭୃତି ନୀତିମାନ ଅନୁଷ୍ଠିତ ହେବାପରେ ଠାକୁରମାନେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଶ୍ରୀମନ୍ଦିରରେ ପହଞ୍ଚିବା ପରେ ମାଧବ ରତ୍ନସିଂହାସନକୁ, ଦୁର୍ଗାଦେବୀ ଭଣ୍ଡାରକୁ ଓ ଶ୍ରୀମଦନମୋହନ, ଶ୍ରୀରାମ ଏବଂ ଶ୍ରୀକୃଷ୍ଣ ଦକ୍ଷିଣି ଘରକୁ ବିଜେ କରିଥାନ୍ତି ।



ଶ୍ରୀମନ୍ଦିରରେ ଶ୍ରୀଦୁର୍ଗାମାଧବ ଉପାସନା ଓ ଯାତ୍ରାବିଧି ଆଶ୍ୱିନ କୃଷ୍ଣ ଅଷ୍ଟମୀ ଠାରୁ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ଅର୍ଥାତ୍ ଦଶହରା ଦିନ ଶେଷ ହୋଇଥାଏ । ଆଶ୍ୱିନ ମାସରେ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟତ୍ର କୁତ୍ରାପି ଶ୍ରୀଦୁର୍ଗାମାଧବ ଉପାସନା ପରିଦୃଷ୍ଟ ହୁଏନାହିଁ । ଶରତ କାଳରେ ଗୋଟିଏ ରଥରେ ଏକତ୍ର ଦେବୀ ଦୁର୍ଗା ଓ ଶ୍ରୀମାଧବ (ବାଳପୁରୁଷୋତ୍ତମ) ବିଜେ କରି ଦୋଳମଣ୍ଡପ ସାହିସ୍ଥ ଦେବୀ ନାରାୟଣଙ୍କ ଆସ୍ଥାନ (ଆଶ୍ୱିନ ଗୁଣ୍ଡିଚ୍ଚ ମଣ୍ଡପ)କୁ ଆଠ ଦିନ ପର୍ଯ୍ୟନ୍ତ ଯାଇଥାନ୍ତି । ଏଥିପାଇଁ ଏହି ଯାତ୍ରାକୁ ଗୁପ୍ତ ଗୁଣ୍ଡିଚ୍ଚ, ଶରତ ଗୁଣ୍ଡିଚ୍ଚ ଓ ଶାକ୍ତ ଗୁଣ୍ଡିଚ୍ଚ କୁହାଯାଏ ।

ବୈଶାଖ ମାସରେ ଶ୍ରୀରାଧାମାଧବ ଓ ଶରତକାଳରେ ଶ୍ରୀଦୁର୍ଗାମାଧବ ଉପାସିତ ହୁଅନ୍ତି । ଏହି ଉପାସନାରେ ଦେବୀ ଦୁର୍ଗା ମାଧବଙ୍କର ଶକ୍ତି ଭାବରେ ଉପାସିତ ହୁଅନ୍ତି । ଯୁଦ୍ଧରେ ବିଜୟଲାଭ ନିମନ୍ତେ ଶ୍ରୀଦୁର୍ଗାମାଧବଙ୍କୁ ପ୍ରାର୍ଥନା କରିବାର ପରମ୍ପରା ରହିଛି- 'ଦୁର୍ଗାମାଧବ ସ୍ମରିଣ ସକଳ କରିବ । ଦୁର୍ଗାମାଧବ ସ୍ମରିଲେ ବିପତ୍ତି ନଥିବ ।' ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଯୁଦ୍ଧ ଯାତ୍ରା ସମୟର ବର୍ଣ୍ଣନା ମାଦଳାରେ ରହିଛି । ଏଥିରେ ଉଲ୍ଲେଖ ରହିଛି- 'ଆମ୍ଭ ଦକ୍ଷିଣ ପାଚେରୀ ଦୁର୍ଗାମାଧବ ମୂର୍ତ୍ତି ଦରଶନ କରି ଆମ୍ଭେ ପଛେ ଯିବୁ' । ଶ୍ରୀମନ୍ଦିରର ଦକ୍ଷିଣ ପଶ୍ଚିମ କୋଣରେ ମେଘନାଦ ପାଚେରୀରେ ଦୁର୍ଗାମାଧବ ମୂର୍ତ୍ତି ରହିଛନ୍ତି । ମାଧବ ହେଉଛନ୍ତି ମନୁଷ୍ୟମାନଙ୍କର ପରମାନନ୍ଦ ପ୍ରଦାତା । ସେଥିପାଇଁ କୁହାଯାଇଛି-

ମୂକଂ କରୋତି ବାଚ୍ଚଳଂ ପଙ୍ଗୁ ଲଙ୍ଘୟତେ ଗିରିମ୍ ।
ଯତ୍କୃପା ତମହଂ ବନ୍ଦେ ପରମାନନ୍ଦମାଧବମ୍ ॥

ସେହିପରି ସକଳ ଭୟକୁ ନିବାରଣ କରି ଅଭୟ ପ୍ରଦାନ କରିବା ଦୁର୍ଗତିନାଶିନୀ ଦେବୀ ଦୁର୍ଗାଙ୍କର ନିଖିଳ ଜୀବମାନଙ୍କ ପ୍ରତି ସହଜାତ କରୁଣା । ସପ୍ତଶତୀଚଣ୍ଡୀରେ ଉଲ୍ଲେଖ ରହିଛି- 'ଭୟେଭ୍ୟସ୍ତ୍ରାହି ନୋ ଦେବି ଦୁର୍ଗେ ଦେବି ନମୋଽସ୍ତୁ ତେ' । ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ଶରତ କାଳରେ ଶ୍ରୀକ୍ଷେତ୍ରରେ ଶ୍ରୀଦୁର୍ଗାମାଧବଙ୍କର ଏକତ୍ର ଆବିର୍ଭାବର ମୂଳ ଉଦ୍ଦେଶ୍ୟ ହେଉଛି ଏକାଧାରରେ ସକଳ ଭୟ ନିବୃତ୍ତି, ଯୁଦ୍ଧରେ ବିଜୟ ଓ ପରମାନନ୍ଦ ପ୍ରାପ୍ତି । ଭକ୍ତର ଏହି ପ୍ରାର୍ଥନାକୁ ସଫଳ କରିବା ପାଇଁ ଶ୍ରୀଦୁର୍ଗାମାଧବ ଆଶ୍ୱିନ କୃଷ୍ଣ ଅଷ୍ଟମୀରୁ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଲୀଳା କରିଥାନ୍ତି । ନୀଳାଦ୍ରିମହୋଦୟ ଓ ବାମଦେବ ସଂହିତା ପ୍ରଭୃତି ଗ୍ରନ୍ଥରେ ବିଜୟା ଦଶମୀ ବା ଦଶହରାର ମାହାତ୍ମ୍ୟ ସମ୍ବନ୍ଧରେ ଉଲ୍ଲେଖ ରହିଛି ।

'ନୀଳାଦ୍ରିନାଥସ୍ୟ ଗୃହେ ତୁ ଯେ ବୈ ପଶ୍ୟନ୍ତି ନାନାବିଧକୌତୁକାନି ।
ସର୍ବେଽପି ତେ ବୈ ସକଳାର୍ଥସୌଖ୍ୟଂ ଭୁକ୍ତ୍ୱାଽପି ଗଚ୍ଛନ୍ତି ପଦଂ ମୁରାରେଃ ।'
(ବା.ସଂ. ୨୬।୫୩)

ଅର୍ଥାତ୍- ଶ୍ରୀଜଗନ୍ନାଥଙ୍କର ପ୍ରାସାଦରେ ପାଳିତ ହେଉଥିବା (ଦଶହରା ପ୍ରଭୃତି) ବିଭିନ୍ନ କୌତୁକ ମହୋତ୍ସବମାନଙ୍କୁ ଯେଉଁମାନେ ଉତ୍ସାହ ଓ ଭକ୍ତିର ସହିତ ଦର୍ଶନ କରନ୍ତି ସେମାନେ ସକଳସୁଖ ପାଇବା ସଙ୍ଗେ ସଙ୍ଗେ ପରଲୋକରେ ବୈକୁଣ୍ଠଲୋକରେ ନିବାସ କରିଥାନ୍ତି ।

● *ସୌଜନ୍ୟ- ଡ଼ଃ. ନରେଶ ଚନ୍ଦ୍ର ଦାଶ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ତୁଳା ବା ଗର୍ଭଣା ସଂକ୍ରାନ୍ତି :

ତା. ୧୭.୧୦.୨୦ ରିଖ ଶନିବାର ଦିନ ଗର୍ଭଣା ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ସଂପାଦନ ହୋଇଛି । ଏହି ଦିନ ଯଥାରୀତି ପ୍ରକାରେ ସକାଳ ଧୂପ, ଭୋଗମଣ୍ଡପ ସରିଲା ପରେ ତିନି ବାଡରେ ମୈଲମ ହୋଇ, ପୂଜା ୦ା' ହେବା ପରେ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ଘଟୁଆରୀ ଘରୁ ରୂପା ପିଙ୍ଗଣ ମଧ୍ୟରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତି ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ଘଣ୍ଟ, ଛତା, କାହାଳୀ ପଟୁଆରରେ ରତ୍ନ ସିଂହାସନକୁ ଚନ୍ଦନ ବିଜେ ହୋଇ ତିନି ବାଡରେ ସର୍ବାଙ୍ଗ ନୀତି ହୋଇଥିଲା । ଏହାପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ପାଣିପଡ଼ି ମଧ୍ୟାହ୍ନ ଧୂପ ଡାକି ଯାଇଥିଲା । ମଧ୍ୟାହ୍ନ ଧୂପ ଉଠିଲା ପରେ ମହାପ୍ରଭୁଙ୍କ ବାଡରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦଲାଗି ବଢ଼ିଥିଲା ଏବଂ ତିନିଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା । ଟେରା ପଡିବା ପରେ ମହାପ୍ରଭୁଙ୍କ ବାଡର ପୂଜାପଣ୍ଡା ବାହାରକୁ ଆସିବା ସହିତ ରୋଷ ପାଇକ ରୋଷ ଭିତରେ ଅଲଗା ଭାବେ ରଖିଥିବା ଏକ ଓଳି ଓରିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରରେ ୮ ଗୋଟି ସ୍ଥାନରେ ବାଢ଼ିଥିଲେ । ଏହାକୁ ପୂଜାପଣ୍ଡା ମଣୋହୀ କରାଇଥିଲେ । ଏହାକୁ 'ବଳି' କୁହାଯାଏ । ଏହାପରେ ଭିତରକୁ ପୂଜାପଣ୍ଡା ଯାଇ ମଧ୍ୟାହ୍ନ ଧୂପ ଶେଷ କରିଥିଲେ । ଭୋଗ ସରି ପ୍ରସାଦ ବାହାରିଲା ପରେ ପାଣି ପଡିଥିଲା ଏବଂ ଗର୍ଭଣା ସଂକ୍ରାନ୍ତି ସଂପୃକ୍ତ ବିଶେଷ ନୀତିର ଆଉ ଏକ ଅଙ୍ଗ ଯଥା 'ବନ୍ଦାପନା' ନୀତି ପୂଜାପଣ୍ଡା ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ସମାପନ ହୋଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

## ଶ୍ରୀମନ୍ଦିରରେ ଦଶହରା ଓ ଆୟୁଧ ପୂଜା :

ତା. ୨୬.୧୦.୨୦ ରିଖ ସୋମବାର ଆଶ୍ୱିନ ଶୁକ୍ଳ ଦଶମୀ ତିଥି ତଥା ପବିତ୍ର ଦଶହରା ଉପଲକ୍ଷେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ ଚନ୍ଦନ ଲାଗି ହୋଇଥିଲା । ପରେ ନୂଆ ଲୁଗା ଲାଗି ସହିତ ୩୨ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । କର୍ପୂର ଲାଗି ପରେ ପାଳିଆ ପୁଷ୍ପାଳକମାନେ ୫ଖଣ୍ଡ ଆଜ୍ଞାମାଳ ଲାଗି କରି ସିଂହାସନରୁ ଓହ୍ଲାଇଥିଲେ । ପାଣି ପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଲା ପରେ ଭଣ୍ଡାର ଦୁଆର ଠାରେ ପୂଜାରେ ବସିଥିବା ଆୟୁଧମାନଙ୍କୁ ପୂଜାପଣ୍ଡା ମହାସ୍ନାନ କରାଇ ବରୁଣ ପୂଜା କରିଥିଲେ । ପରେ ୬ଜଣ ମେକାପ ରୂପା ଥାଳିରେ ଆୟୁଧମାନ ରଖି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଳିଚ୍ଛ ଓ ପ୍ରଧାନୀ ହାତମୁଦ ମଧ୍ୟରେ ୩ ବେଢ଼ା ବୁଲି ଭିତର ସିଂହାସନ ଠାକୁ ବିଜେ କରାଇଥିଲେ । ପରେ ପାଳିଆ ପୁଷ୍ପାଳକମାନେ ତିନି ବାଡରେ 'ଆୟୁଧ' ଲାଗି କରିଥିଲେ । ବଡ ବାଡରେ ହଳମୂଷଳ, ମଝି ବାଡରେ ତଡ଼ଗୀ, ମହାପ୍ରଭୁଙ୍କ ବାଡରେ ଶଙ୍ଖଚକ୍ର ଲାଗି ହୋଇଥିଲେ । ଏହା ମଧ୍ୟରେ ଦକ୍ଷିଣ ଘର ଠାରେ ମଦନମୋହନ, ରାମକୃଷ୍ଣ ବୀର ବେଶ ହୋଇଥିଲେ । ପରେ ଭିତରକୁ ମଦନମୋହନ, ରାମକୃଷ୍ଣ, ଦୁର୍ଗାମାଧବ ବିଜେ କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନି ବାଡରେ ମଙ୍ଗଳାର୍ପଣ କରିବା ପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ପାଲିଙ୍କିକୁ ରାମକୃଷ୍ଣ, ରଥକୁ ଦୁର୍ଗାମାଧବ ଏବଂ ବିମାନକୁ ମଦନମୋହନ ବିଜେ ହୋଇଥିଲେ । ସେଠାରୁ ବିରାଟ ପଟୁଆରରେ ପାଲିଙ୍କି, ରଥ, ବିମାନ ମହାଖଳାପଦା ଅଭିମୁଖେ (ଜଗନ୍ନାଥବଲ୍ଲଭ ମଠ) ଯାତ୍ରା କରିଥିଲେ । ମହାଖଳାପଦା ଠାରେ ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡା ଶୀତଳଭୋଗ, ବନ୍ଦାପନା କରିଥିଲେ ଓ ଏହାପରେ ଦିଅଁମାନେ ବାହୁଡା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାଧାଦାମୋଦର ବେଶ ଏବଂ ବାଲଧୂପ ଆରମ୍ଭ :



ତା. ୨୭.୧୦.୨୦ ରିଖ ମଙ୍ଗଳବାର ଦିନ ଆଶ୍ୱିନ ଶୁକ୍ଳ ଏକାଦଶୀ ଅବସରରେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ 'ରାଧା ଦାମୋଦର ବେଶ' ଅନୁଷ୍ଠିତ ହୋଇଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ ହୋଇଥିଲା । ସକାଳଧୂପ ପ୍ରସାଦ ବାହାରିଲା ପରେ ପାଣିପଡି ବାଲଧୂପ ଛେକ ଆସିଥିଲା । ପାଳିଆ ପୂଜାପଣ୍ଡାମାନେ ପଞ୍ଚୋପଚାରରେ 'ବାଲଧୂପ ପୂଜା' କରିଥିଲେ । ଭୋଗ ସରିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

## ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ :

ତା. ୩୧.୧୦.୨୦ ରିଖ ଶନିବାର ଦିନ ଆଶ୍ୱିନ ପୂର୍ଣ୍ଣମୀ ଅବସରରେ ପୂର୍ବ ପରମ୍ପରା ପ୍ରକାରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ ପରେ ଶ୍ରୀସୁଦର୍ଶନ ଦେବ ଆଜ୍ଞାମାଳ ପାଇ ଦଇତାପତିମାନଙ୍କ ଦ୍ୱାରା ଚଉଦୋଳକୁ ବିଜେ ହୋଇଥିଲେ।



ସେଠାରେ ପାଟପତନୀ ଲାଗି, ମାଳଚୂଳ ଲାଗି ପରେ ଚଉଦୋଳରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡଦାଣ୍ଡ ବାଟେ ରାଜାନଅର ଓ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଦେଇ ତିନି ଆଶ୍ରମ ପରିକ୍ରମା କରି ପଶ୍ଚିମ ଦ୍ୱାର ନିକଟରେ ବିଜେ ହୋଇଥିଲେ । ସେଠାରେ ବନ୍ଦାପନା ହୋଇ ଭିତର ଜଗମୋହନକୁ ଆସିଲାପରେ ରୁଣ୍ଡା ଫିଟା ଯାଇ ସିଂହାସନକୁ ବିଜେ କରାଯାଇଥିଲା । ପରେ ପାଣିପଡି ୪ ବାଡ ମହାସ୍ନାନ ମୈଲମ ବଢ଼ିଲା ପରେ ସର୍ବାଙ୍ଗ, ନୂଆଲୁଗା ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ଛେକ ଆସିଲାପରେ ୪ଜଣ ପୂଜାପଣ୍ଡା ୪ବାଡରେ ସନ୍ଧ୍ୟାଧୂପ ପୂଜା ବସିଥିଲେ । ଭୋଗ ସରିଲାପରେ ମଦନମୋହନ ଆସି ଲକ୍ଷ୍ମୀଙ୍କ ସହିତ ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ଯିବାରେ ଲକ୍ଷ୍ମୀଙ୍କ ପ୍ରତିନିଧି ଭିତରଛୁ ଏବଂ ମହାପ୍ରଭୁଙ୍କର ପ୍ରତିନିଧି ମୁଦିରସ୍ତ ଉଭୟଙ୍କ ମଧ୍ୟରେ ହିଙ୍ଗୁଳ କଉଡି ୨୧, ରୂପା କଉଡି ୨୧ ପଶା, ଶକଟା ଖେଳମାନ ଖେଳିଥିଲେ । ପରେ ବାହୁଡି ମଦନମୋହନ ଦକ୍ଷିଣ ଘରକୁ ଓ ଲକ୍ଷ୍ମୀ ସିଂହାସନକୁ ଯିବାରେ ମୈଲମ, ଚନ୍ଦନ ଲାଗି, ନୂଆପତନୀ ଲାଗି ସହ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବଡସିଂହାର ବେଶ ହୋଇଥିଲା । ପାଣିପଡି ଭୋଗ ଆସିବା ପରେ ଫଳ ସାମଗ୍ରୀ ପନ୍ତୀ ହେବାରେ ପୂଜାପଣ୍ଡା, ମଣୋହି କରିଥିଲେ । ପରେ ୩ଜଣ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଜୁଆ, ଶକଟା ସିଂହାସନ ତଳେ ଓ ଉପରେ ଖେଳିଥିଲେ । ଏଠାରେ ମହାପ୍ରଭୁ ହାରିବାରେ ମାଧବ ମହାଜନଙ୍କ ହାତରେ ଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇ ସେଠାରେ ୭ଦିନ ପାଇଁ ବନ୍ଧା ରହିଥିଲେ । ●

ଜାଣିବା କଥା ...

# ଶ୍ରୀମନ୍ଦିରର ଦୈନନ୍ଦିନ ନୀତି



ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁସୃତ ଦୈନନ୍ଦିନ ନୀତି ପ୍ରାଚୀନ ପୂଜା ପଦ୍ଧତିର ପ୍ରତିଫଳନ ଅଟେ । ଉକ୍ତ ଦୈନନ୍ଦିନ ନୀତିରେ ବିଭିନ୍ନ ପ୍ରକାର ସେବକ ଜଡ଼ିତ ଥାଇ ନିଷ୍ଠାର ସହିତ ସେବା କାର୍ଯ୍ୟ ସମ୍ପନ୍ନ କରନ୍ତି । ଶ୍ରୀଜଗନ୍ନାଥ ମନ୍ଦିରରେ ନିମ୍ନମତେ ଦୈନନ୍ଦିନ ନୀତି ପାଳନ କରାଯାଏ ।

୧. *ଶ୍ରୀମନ୍ଦିରର ଦ୍ୱାରଫିଟା ନୀତି :-* ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ଦୈନନ୍ଦିନ ନୀତି ମଧ୍ୟରୁ ଦ୍ୱାରଫିଟା ନୀତି ହେଉଛି ସର୍ବ ପ୍ରଥମ । ସୂର୍ଯ୍ୟୋଦୟ ପୂର୍ବରୁ ଶ୍ରୀମନ୍ଦିରର ଦ୍ୱାର ଫିଟା ଯିବା ନିୟମ ରହିଛି ।

୨. *ମଙ୍ଗଳ ଆଳତି :-* ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରେ ମଙ୍ଗଳମୟ ଶ୍ରୀବିଗ୍ରହଙ୍କ ଉଦ୍ଦେଶ୍ୟରେ ହେଉଥିବା ଆଳତିକୁ ମଙ୍ଗଳ ଆଳତି କୁହାଯାଏ । ଏହି ଆଳତି ଜଗତର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ । ଏଥିରେ କର୍ପୂରବତୀ ଓ ପିଠଉ ଆଳତି ହୋଇଥାଏ ।

୩. *ମଇଲମ ଓ ତଡ଼ପ ଲାଗି :-* ମଇଲମ ଏକ ପ୍ରାଚୀନ ଶବ୍ଦ । ଏହାର ଅର୍ଥ ବସ୍ତ୍ର, ଅଳଙ୍କାର, ମାଳଚୂଳ ଓ ବେଶ ଆଦି କାଢ଼ାଯିବା ବା 'ଓଲାଗି' କରିବା । ସୂଚନାଯୋଗ୍ୟ ଯେ ଗୋଟିଏ ଦିବସରେ ବିଭିନ୍ନ ନୀତି ପରେ ଶ୍ରୀବିଗ୍ରହମାନଙ୍କର ମୋଟ ଛଅ ଥର ମଇଲମ ହୋଇଥାଏ । ସ୍ନାନ ବା ଅବକାଶ ନୀତି ନିମନ୍ତେ ଶ୍ରୀବିଗ୍ରହମାନଙ୍କୁ ତଡ଼ପ (ଗାମୁଛା ଜାତୀୟ ସୂତା ବସ୍ତ୍ର) ଲାଗି କରାଯାଇଥାଏ ।

୪. *ଅବକାଶ :-* ରତ୍ନ ସିଂହାସନାଧିଷ୍ଠିତ ଶ୍ରୀମହାପ୍ରଭୁମାନଙ୍କର ଦନ୍ତ ମାର୍ଜନା ଓ ସ୍ନାନ ବିଧିକୁ ଅବକାଶ କୁହାଯାଏ ।

୫. *ମଇଲମ ଓ ବେଶ :-* ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କର ତଡ଼ପ ଓ ଉତ୍ତରୀୟ ମଇଲମ ବା ଓଲାଗି କରାଯାଏ ଏବଂ ବସ୍ତ୍ର ଓ ପୁଷ୍ପ ଇତ୍ୟାଦି ଲାଗି କରାଯାଇ ବେଶ କରାଯାଏ ।

୬. *ସାହାଣ ମେଲା :-* ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଦର୍ଶନକୁ ସାହାଣମେଲା କୁହାଯାଏ । ଏହି ସମୟରେ ଦର୍ଶନାର୍ଥୀମାନେ ରତ୍ନ ସିଂହାସନ ନିକଟକୁ ଯାଇ ଶ୍ରୀବିଗ୍ରହମାନଙ୍କର ନିକଟବର୍ତ୍ତୀ ହୋଇ ଦର୍ଶନ ଲାଭ କରିଥାନ୍ତି ।

୭. *ରୋଷ ହୋମ :-* ଶ୍ରୀଜଗନ୍ନାଥ ମନ୍ଦିର ପରିସରସ୍ଥ ରୋଷଶାଳାରେ ଦୈନନ୍ଦିନ ହୋମ ହେଉଥିବା ନୀତିକୁ 'ରୋଷ ହୋମ' କୁହାଯାଏ । ଏହାପରେ ରୋଷରେ ପାକ କାର୍ଯ୍ୟ ଆରମ୍ଭ ହୋଇଥାଏ ।

୮. *ସୂର୍ଯ୍ୟ ପୂଜା :-* ଶ୍ରୀଜଗନ୍ନାଥଙ୍କ ପୂଜା ବିଧି ଆରମ୍ଭ ପୂର୍ବରୁ ସୂର୍ଯ୍ୟ ପୂଜା ନୀତି ହୋଇଥାଏ ।

୯. *ଦ୍ୱାରପାଳ ପୂଜା :-* ସୂର୍ଯ୍ୟ ପୂଜା ନୀତି ପରେ ଜଗମୋହନସ୍ଥିତ ଜୟବିଜୟ ଦ୍ୱାର ଠାରେ ଏହି ନୀତି ସମ୍ପନ୍ନ ହୋଇଥାଏ ।

୧୦. *ଗୋପାଳବଲ୍ଲଭ :-* ଦୈନନ୍ଦିନ ରତ୍ନ ସିଂହାସନସ୍ଥ ଶ୍ରୀବିଗ୍ରହମାନଙ୍କର ଉଦ୍ଦେଶ୍ୟରେ ହେଉଥିବା ପ୍ରଥମ ଭୋଗକୁ ଗୋପାଳବଲ୍ଲଭ ବା ବଲ୍ଲଭ ଭୋଗ କୁହାଯାଏ । ଏଥିରେ ଖଇ, କୋରା, ସର, ଖୁଆମୁଣ୍ଡା, ଦହି, ଖୁଦି ନଡ଼ିଆ ଇତ୍ୟାଦି ଭୋଗ ହୋଇଥାଏ ।

୧୧. *ସକାଳ ଧୂପ :-* ଶ୍ରୀବିଗ୍ରହମାନଙ୍କର ପ୍ରଥମ ଅନ୍ନଭୋଗ ହେଉଛି ସକାଳଧୂପ । ଏଥିରେ ବିଭିନ୍ନ ପ୍ରକାର ସୁମିଷ୍ଟ ପିଷ୍ଟକ ଓ ଅନ୍ନ, ଖେଚେଡ଼ି ଇତ୍ୟାଦି ଭୋଗ ହୋଇଥାଏ ।

୧୨. *ଭୋଗ ମଣ୍ଡପ :-* ଏହି ଭୋଗକୁ ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଭୋଗ ବୋଲି କୁହାଯାଇଥାଏ । ଶ୍ରୀମନ୍ଦିରସ୍ଥ ଭୋଗ ମଣ୍ଡପ ଘରେ ଏହି ଭୋଗ ଅନୁଷ୍ଠିତ ହୋଇଥାଏ ଏବଂ ଭକ୍ତ ତଥା ଦର୍ଶନାର୍ଥୀଙ୍କ ଉଦ୍ଦେଶ୍ୟରେ ଆନନ୍ଦ ବଜାରରେ ବିକ୍ରୀ କରାଯାଇଥାଏ ।

୧୩. *ମଧ୍ୟାହ୍ନ ଧୂପ :-* ଏହି ଧୂପରେ ଅନ୍ନଭୋଗ ସହିତ ବିଭିନ୍ନ ପ୍ରକାର ଭୋଗ ସାମଗ୍ରୀ ପଣ୍ଡିରେ ବଢ଼ା ଯାଇଥାଏ ।

୧୪. *ମଇଲମ ଓ ବେଶ :-* ପ୍ରତି ଧୂପ ପରେ ଠାକୁରମାନଙ୍କର ପୂର୍ବ ବେଶ ଓଲାଗି କରାଯିବା ସହ ବେଶ ପରିବର୍ତ୍ତନ କରାଯାଇଥାଏ ।

୧୫. *ମଧ୍ୟାହ୍ନ ପହୁଡ଼ (ଦିବା ପହୁଡ଼) :-* ଶ୍ରୀମହାପ୍ରଭୁମାନଙ୍କର ମଧ୍ୟାହ୍ନ ଧୂପ ଶେଷ ହୋଇ ମଇଲମ ଓ ବେଶ ହୋଇଥାଏ । ଏହାପରେ ଦିବା ପହୁଡ଼ ନୀତି କରାଯାଇଥାଏ ।

୧୬. *ଦ୍ୱାରଫିଟା ନୀତି :-* ମଧ୍ୟାହ୍ନ ପହୁଡ଼ ପରେ 'ଦ୍ୱାରଫିଟା' ନୀତି ହୋଇଥାଏ ।

୧୭. *ସନ୍ଧ୍ୟା ଆଳତି :-* ସନ୍ଧ୍ୟା ସମୟରେ ରତ୍ନ ସିଂହାସନାଧିଷ୍ଠିତ ଠାକୁରମାନଙ୍କ ମଇଲମ ଓ ବେଶ ଅନୁଷ୍ଠିତ ହୋଇ ସନ୍ଧ୍ୟା ଆଳତି ହୋଇଥାଏ ।

୧୮. *ସନ୍ଧ୍ୟା ଧୂପ :-* ଏହା ରାତ୍ରିକାଳୀନ ଭୋଗ । ଏହି ଭୋଗରେ ବିଭିନ୍ନ ପ୍ରକାର ପିଠା ପ୍ରଭୁଙ୍କ ନୈବେଦ୍ୟ ନିମନ୍ତେ ବଢ଼ାଯାଇଥାଏ ।

୧୯. *ସନ୍ଧ୍ୟା ଧୂପ ପରେ ସାହାଣ ମେଲା :-* ସନ୍ଧ୍ୟା ଧୂପ ଶେଷ ହେବାପରେ ପ୍ରସାଦ ବାହାରି ପାଣି ପଡ଼ି ସଫା ହୋଇଥାଏ ଓ ତାହା ପରେ ସର୍ବସାଧାରଣ ଦର୍ଶନ ହୋଇଥାଏ । ଏହି ନୀତି ବର୍ତ୍ତମାନ ହେଉ ନାହିଁ ।

୨୦. *ଚନ୍ଦନ ଲାଗି :-* ମଇଲମ ପରେ ଠାକୁରମାନଙ୍କର ରାତ୍ର ସମୟରେ ଚନ୍ଦନ ଲାଗି ନୀତି ଅନୁଷ୍ଠିତ ହୋଇଥାଏ ।

୨୧. *ବଡ଼ସିଂହାର ବେଶ :-* ଏହି ବେଶ ସାଧାରଣତଃ ଚନ୍ଦନ ଲାଗି ନୀତି ପରେ ହୋଇଥାଏ । ଏହି ବେଶରେ ଶ୍ରୀବିଗ୍ରହମାନଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ପାଟବସ୍ତ୍ର ସହ କରପଲ୍ଲବ, ପଦକ, ନାକଚଣା, ଚନ୍ଦ୍ରିକା, କୁଣ୍ଡଳ, ଶ୍ରୀପୟର ମାଳ ଇତ୍ୟାଦି ପୁଷ୍ପ ଅଳଙ୍କାରରେ ସଜ୍ଜିତ କରାଯାଏ ।

୨୨. *ବଡ଼ସିଂହାର ଭୋଗ :-* ଶ୍ରୀବିଗ୍ରହମାନଙ୍କର ବଡ଼ସିଂହାର ବେଶ ସରିବା ପରେ ଶ୍ରୀମନ୍ଦିରର ରତ୍ନ ସିଂହାସନ ନିକଟରେ ହେଉଥିବା ସର୍ବଶେଷ ଭୋଗକୁ ବଡ଼ସିଂହାର ଭୋଗ କୁହାଯାଇଥାଏ । ଏଥିରେ ଦହି ପଖାଳ, କଦଳୀ ବଡ଼ା ଓ ଅନ୍ୟାନ୍ୟ ପିଠା ଇତ୍ୟାଦି ଭୋଗ ହୋଇଥାଏ ।

୨୩. *ରାତ୍ର ପହୁଡ଼ :-* ବଡ଼ସିଂହାର ଭୋଗ ସମାପନ ପରେ ଠାକୁରମାନଙ୍କର ପହୁଡ଼ ନୀତି ଅନୁଷ୍ଠିତ ହୋଇ ଦ୍ୱାର ବନ୍ଦ କରାଯାଏ । ଏହା ପରେ ମନ୍ଦିର ଶୋଧ ହୋଇଥାଏ । ଅର୍ଥାତ୍ ଜନସାଧାରଣଙ୍କୁ ଏହି ସମୟରେ ମନ୍ଦିର ମଧ୍ୟରେ ରହିବା ପାଇଁ ଅନୁମତି ଦିଆଯାଇ ନଥାଏ ।

*ବିଶେଷ ନୀତି :-* ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ନୀତି ବ୍ୟତୀତ କେତେକ ବିଶେଷ ନୀତି ପାଳିତ ହୋଇଥାଏ । ଗୁରୁବାରରେ ମାଜଣା ଓ ଏକାନ୍ତ ନୀତି, ନକ୍ଷତ୍ର ବନ୍ଦାପନା, ଏକାଦଶୀ ନୀତି, ଅମାବାସ୍ୟା ନୀତି ଓ ସାଗର ବିଜେ, ବନକଲାଗି, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗକାଳୀନ ନୀତି ଏବଂ ମହାସ୍ନାନ ଇତ୍ୟାଦି ବିଶେଷ ନୀତି ଅନ୍ତର୍ଭୁକ୍ତ ।

ଉପର ଲିଖିତ ବିଶେଷ ନୀତିଗୁଡ଼ିକ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ପାଳିତ ହୋଇଥାଏ ।

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ସ୍ୱଉ୍ତଲିପିରେ ଶ୍ରୀମନ୍ଦିର ନୀତି

## (୩୬)- ନବାଙ୍କ

ମକର ପୂର୍ବ ଦିନ ନବାଙ୍କ ହୁଏ । ନବାଙ୍କ ପୂର୍ବ ଦିନ ଦ୍ୱିପ୍ରହର ଧୂପ ବଢ଼ିବା ଉତ୍ତାରେ ମହାଜନେ ରାମକୃଷ୍ଣ ଦୁଇ ଦେବଙ୍କୁ ଭିତର ସିଂହାସନକୁ ବିଜେ କରାଇବେ । ପଣ୍ଡା ବଡ଼ ବାଡ଼ରୁ ରାମଙ୍କୁ ଓ ମହାପ୍ରଭୁଙ୍କ ବାଡ଼ରୁ କୃଷ୍ଣଙ୍କୁ ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ହାତରେ ବିଜେ କରାଇ ଆଣି ବଟ ପାର୍ଶ୍ୱରେ ଥିବା ପାଲିଙ୍କିରେ ଦୁଧ ମେଲାଣ ଯାତ୍ରା ନିମନ୍ତେ ବିଜେ କରାଇବେ । ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ପାଲିଙ୍କିରେ ବଡ଼ଦାଣ୍ଡ ଦେଇ ଛୋଟ ରାୟପୁରଠାରେ ବାଲିବେଦି ଉପରେ ପାଲିଙ୍କିସହ ବିଜେ କରାଇବେ । ଏଠାରେ ଆଗରୁ ଚାନ୍ଦୁଆ ବନ୍ଧା ହୋଇଥାଏ । ଏଠାରେ ଗଉଡ଼ମାନେ ଦେଶମାନଙ୍କରୁ ଦୁଧ ଭାର କୋଠ ମହାଭୋଇ ନିକଟରେ ବାଘମୁହାଁ ବାନ୍ଧି ପୈଠ କରିବେ । ମହାଭୋଇ ଘଣ୍ଟ, ଛତା, କାହାଳୀସହ ଉକ୍ତ ଭାରମାନ ଗୋଷ୍ଠଠାକୁ (ଜଗନ୍ନାଥ ବଲ୍ଲଭ ମଠ) ବିଜେ କରାଇବେ । ଏଠାରେ ମହାଭୋଇ ଗୋଧନ କରିବେ ଓ ଭିତରଛୁ ମଣୋହି କରାଇବେ । ପରେ ପରମେଶ୍ୱର ଦୁଧ ଭାରମାନଙ୍କୁ ଘେନି ବିଜେ କରି ନାଟ ମନ୍ଦିର ଆଗରେ ଦୁଧ ପୈଠ ନିମନ୍ତେ ଦୁଧମାନ ତପ୍ତ କରିବେ । ପରେ ନନ୍ଦ ମନ୍ଦିର (ଲକ୍ଷ୍ମୀ ଦେଉଳ) ଖଟ ଉପରେ ବିଜେ କରିବେ । ଏଠାରେ ପ୍ରସାଦ ଲାଗି ଓ ବନ୍ଦାପନା ହୋଇ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ଯିବେ ।



ନବାଙ୍କ ଦିନ ଅବକାଶ ମଇଲମ ହୋଇ ଘୋଡ଼ ଲାଗି ହୋଇ ସନ୍ଧ୍ୟା ଆଳତି ବଢ଼ି ଚାଉଳ ମେଲାଣ ନିମନ୍ତେ ସିଂହଦ୍ୱାର ଚକଡ଼ା ଉପରେ ପାହାଡ଼ା ପଡ଼େ । ଧାନଘର ଠାରୁ ବେରଭୋଇ ପ୍ରଧାନ ଏଠାକୁ ଚାଉଳ ବିଜେ କରାଇବେ । ଏଠାରେ ପ୍ରଧାନ ଭୋଇ ବାଘମୁହାଁ ବାନ୍ଧି ୩ ଥାଳିରେ ପାଞ୍ଚମାଣ ଲେଖାଁଏ ଚାଉଳ ମପାଇବେ । କୋଠ ଭୋଗ ଯୋଗଣିଆ ବାଘମୁହାଁ ବାନ୍ଧି ତଳିଛୁ ପଟୁଆର କରି ଘଣ୍ଟ, ଛତା, କାହାଳୀସହ ବଡ଼ ଦେଉଳକୁ ବେଢ଼ାଏ ବୁଲି ଚାଉଳ ଇନ୍ଦ୍ରାଣି ବେଢ଼ାରେ ରଖିବେ । ଏରୂପେ ଚାଉଳ- ମେଲାଣ ହୋଇବ ।

## (୩୬) (କ) ନବାଙ୍କ - ଫୁଲ ମେଲାଣ

ଏ ଦିନ ଫୁଲ ମେଲାଣ ନିମନ୍ତେ ମାଳିମାନେ ବାଘମୁହାଁ ବାନ୍ଧି ମାଳଚୂଳ ଜଳ କବରମାନ ଘେନି ତଳିଛୁ ପଟୁଆରରେ ଘଣ୍ଟା, ଛତା, କାହାଳୀସହ ବଡ଼ଦେଉଳକୁ ବେଢ଼ାଏ ବୁଲି ବେହେରାଣ ତଡ଼ଉ ଦରଶୁଆ କରାଇ ପାଳିଆ ଖୁଣ୍ଟିଆ ମାରଫତରେ ଦେବେ । ଖୁଣ୍ଟିଆ ଉକ୍ତ ମାଳମାନ ନେଇ ସନ୍ଧ୍ୟା ଆଳତି ବେଶରେ ଲାଗି କରାଇବେ । ଏ ଉତ୍ତାରେ ସନ୍ଧ୍ୟା ଆଳତି ବଢ଼ି ସନ୍ଧ୍ୟା ଧୂପ ବଢ଼ିବା ପରେ ଚନ୍ଦନ ଲାଗି ବଢ଼ିବ । ଭୋଗ ମଣ୍ଡପ ଘର ଆଗରୁ ଧୋ-ପଖାଳ ହୋଇ ଚାନ୍ଦୁଆ ବନ୍ଧା ହୋଇଥିବ । ପର୍ବଯାତ୍ରା ଯୋଗଣିଆ ୩ ଗୋଟି ବାଉଁଶିଆରେ ଚାଉଳ ପୁରାଇ କୋଠ ସୁଆଁସିଆ ଦେଇଥିବା ଭଦ୍ରାସନ ଉପରେ ୩ ଗୋଟି ମୁରୁଜ କାଟିବା ପରେ ଉକ୍ତ ଚାଉଳ ବାଉଁଶିଆମାନ ତହିଁ ଉପରେ ରଖି ଚେମେଡ଼ି, ପତନିଫୁଲଚନ୍ଦନ ଦେଇ ଅଧିବାସ କରାଇବେ । ଏ ଉତ୍ତାରେ ତଡ଼ାଉ ଦୁଆରମାନ ମୁଦ କରାଇବେ । ପରେ ବଡ଼ସିଂହାର ବେଶ ହୋଇବେ । ଏ ବେଶରେ ଖଣ୍ଡେ ଆଜ୍ଞାମାଳ ଲାଗି ହୋଇଥିବେ । ବେଶ ବଢ଼ିବା ପରେ ପାଣି ପଡ଼ି ବଡ଼ସିଂହାର ଭୋଗ ଆସିଲା ଉତ୍ତାରେ ଦକ୍ଷିଣ ଘରୁ ମଦନମୋହନ ଭିତର ସିଂହାସନକୁ ବିଜେ ହେବେ । ପଣ୍ଡା ଏ ଭୋଗକୁ ପଞ୍ଚୋପଚାରରେ ମଣୋହି କରାଇବେ । ଟେରା ପଡ଼ିବା ପୂର୍ବରୁ ମହାଜନେ ପାଳିଆ ଖୁଣ୍ଟିଆ, ଗରାବଡୁ, ଅଖଣ୍ଡ ଏମନେ ଭିତରେ ଥାଇ ଟେରା ପଡ଼ିବ । ଭିତରେ ଭୋଗ ସରିବା ପରେ ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବା ପରେ ମହାଜନେ ମଦନମୋହନଙ୍କୁ ହାତରେ ବିଜେ କରାଇ ସିଂହାସନ ଘରିପଟ ସାଢ଼େ ଘରିବେଢ଼ା କରାଇବା ପରେ ଦ୍ୱାରଫିଟି ହାତରେ ବିଜେ କରାଇ ଆଣି ବଟମୂଳେ ଥିବା ବିମାନରେ ବିଜେ କରାଇବେ । ଟେରା ପଡ଼ିଥିବା ସମୟରେ ବେଢ଼ା ହେଉଥିବା ବେଳେ ପ୍ରତିଥର ବେଢ଼ାକୁ ପ୍ରଧାନୀ କଳାହାଟ ଦ୍ୱାରଠାରେ ଥାଇ କାହାଳିଆକୁ ଡାକଦେବେ । ଠାକୁରଙ୍କୁ ବିମାନବଡୁମାନେ ଘଣ୍ଟା, ଛତା, କାହାଳୀସହ ବଡ଼ଦେଉଳକୁ ସାଢ଼େ ଘରି ବେଢ଼ା ବୁଲାଇ ବଟମୂଳେ ବିମାନ ରଖିବେ । ମହାଜନେ ରୁନ୍ଧା ଫିଟାଇ ହାତରେ ବିଜେ କରାଇ ଆଣି ଜୟ-ବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରହିବେ । ଏଠାରେ ପ୍ରସାଦଲାଗି ଓ ବନ୍ଦାପନା ହୋଇ ଦକ୍ଷିଣ ଘରକୁ ବିଜେ କରିବେ ।

## (୩୭)- ମକର ସଂକ୍ରାନ୍ତି

ଏ ଦିନ ପାହାନ୍ତିଆ ଆରତି ଅବକାଶ ବଢ଼ିବା ଉତ୍ତାରେ ଫୁଟା ପହରଣ ଲାଗି ହୋଇ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇ ମାଳ ଲାଗିହୋଇ ବେଶ ହୋଇବେ ଓ କର୍ପୂର ଲାଗି ହୋଇବେ । ପାଣିପଡ଼ି ବଲ୍ଲଭ ସରିବାପରେ ସକାଳ ଧୂପ ବଢ଼ିବ । ତା ପରେ ୩ ବାଡ଼ରେ ମୈଲମ ହେବେ ଓ ମହାସ୍ନାନ ବଢ଼ିବ । ଘଟୁଆରି ଘର ଠାରୁ ସର୍ବାଙ୍ଗ ବିଜେ କରାଇ ସର୍ବାଙ୍ଗ ଲାଗି ହୋଇ, ନୂଆଲୁଗା, ଚୂଳମାଳ ଲାଗି ହୋଇ ଅଳଙ୍କାର ୬ ମୂର୍ତ୍ତି ଲାଗିହୋଇ ବେଶ ବଢ଼ିବ । ଏ ଉତ୍ତାରେ ପାଣି ପଡ଼ି ଧୋ-ପଖାଳ ହୋଇ ଦ୍ୱିପ୍ରହର ଧୂପ ସଙ୍ଗରେ ଯାତ୍ରାଙ୍ଗ ଭୋଗ ରୋଷରୁ ଘଣ୍ଟ, ଛତା, କାହଳୀସହ ତଳିଛ ପଟୁଆର ହୋଇ ଛାମୁକୁ ଆସିବ । ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରାଇବେ । ଟେରା ପଡ଼ିବା ଉତ୍ତାରେ ଜଣେ ପଣ୍ଡା, ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ସଙ୍ଗରେ ଧରି ରୋଷ ପାଇକ ହାତେ ଏକ ଓଳି ଅନ୍ନଧରି ବାହାରକୁ ଆସି ମନ୍ଦିର ଘରି ପାଖରେ ଦିଗବଳିମାନଙ୍କୁ ବଳିଦେଇ ଭିତରକୁ ଯାଇ ମଣୋହି କରାଇବେ । ଏ ଭୋଗ ସରି ଆଳତି ବଢ଼ିବା ପରେ ପାଣି ପଡ଼ି ଧୋ-ପଖାଳ ହୋଇ ଟେରା ବନ୍ଧା ହୋଇ ପାଳିଆ ପଢ଼ିଆରୀ ଗତ ଦିନ ଅଧିବାସ ହୋଇଥିବା ମକର ଚାଉଳ ଭୋଗ ମଣ୍ଡପ ଘରଠାକୁ ଡାକିଯିବ । ଏଥିପୂର୍ବରୁ ସୁଦ୍ଧସୁଆରମାନେ ଆସି ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧ ସରମାନ ନେଇଥିବେ । ପର୍ବଯାତ୍ରା ବିଶୋଇ ଠାରୁ ହାଣ୍ଡି କୁଡୁଆମାନ ନେଇଥିବେ । ଭୋଗ ଡାକିଯିବା ବେଳକୁ ସୁଧସୁଆରମାନେ ପନ୍ତିବଡୁମାନଙ୍କଠାରୁ ରୂପା ଥାଳି ୩ ଗୋଟା ନେଇ ଉକ୍ତ ଚାଉଳମାନଙ୍କୁ ମୂର୍ତ୍ତିମୂଳ କରି ରଖିଥିବେ । ପନ୍ତିବଡୁମାନେ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳିସହ ତଳିଛୁ ପଟୁଆରକରି ବଡ଼ଦେଉଳକୁ ୩ ବେଢ଼ା ବୁଲି ଭିତରେ ପନ୍ତିରେ ବାଢ଼ିବେ । ଏ ଉତ୍ତାରୁ ରୋଷର ମକର ଚଉରାଆସି ଭୋଗ ଘଣ୍ଟ, ଛତା, କାହାଳୀସହ ତଳିଛ ପଟୁଆରରେ ଛାମୁକୁ ଆସିବ । ପରେ ମହାଭୋଇମାନେ ବାଘମୁହାଁ ବାନ୍ଧି ଦୁଧ ଘରଠାରୁ ଦହି, ଘଣ୍ଟ, ଛତା, କାହାଳୀ, ତଳିଛୁ ପଟୁଆରରେ ଜୟ-ବିଜୟ ଦ୍ୱାରଠାରେ ଲଣ୍ଡାବର୍ତ୍ତରେ ପରମେଶ୍ୱରଙ୍କଠାରେ ଦରଶୁଆ କରାଇ ବଡ଼ ଦେଉଳକୁ ବେଢ଼ାଏ ବୁଲି ମହାସୁଆର ଜିମା ଦେଲେ ସେ ନେଇ ପନ୍ତିରେ ବାଢ଼ିବ । ପରେ ସାକର, ଫେଣା ସକାଶେ ଗୁଡ଼ିଆମାନେ ରୋଷରୁ ବାଘମୁହଁମାନ ବାନ୍ଧି ଘଣ୍ଟ, ଛତା, କାହାଳୀସହ ବଡ଼ଦେଉଳକୁ ବେଢ଼ାଏ ବୁଲି ମହାସୁଆର ଜିମା ଦେବେ ଓ ସେ ଛାମୁରେ ବାଢ଼ିବେ । ପରେ ହଡ଼ପ ଘରଠାରୁ ହଡ଼ପନାୟକମାନେ ବାଘମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀସହ ତଳିଛୁ ପଟୁଆରରେ ବଡ଼ଦେଉଳକୁ ବେଢ଼ାଏ ବୁଲି ନଳିପାନ ଓ ଛାଚିପାନ ଭୋଗରେ ବାଢ଼ିବା ପାଇଁ ମହାସୁଆରକୁ ଦେବେ । ପରେ ପଣ୍ଡା, ମୁଦିରସ୍ତେ ପ୍ରସାଦ ଲାଗି କରାଇବେ । ଏ ଭୋଗ ପଞ୍ଚୋପଚାରରେ ମଣୋହି କରାଇବେ । ପରେ ଟେରା ଫିଟି ମହାପ୍ରସାଦ ଭିତରେ ଥାଇ ପଣ୍ଡା, ପତି, ମୁଦିରସ୍ତେ ୩ ବାଡ଼ରେ ବନ୍ଦାପନା କରିବେ । ●

ଜାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଓଳି' ଶବ୍ଦର ବ୍ୟବହାରିକତା କ'ଣ ?
ଉ - ଏହା ଏକ ଛୋଟ ମାଟି କୁଡୁଆ । ଶ୍ରୀମନ୍ଦିରରେ ଠାକୁରଙ୍କ ମହାପ୍ରସାଦର ଏହା ବ୍ୟବହୃତ ହୋଇଥାଏ ।

୨. ପ୍ର - ଶ୍ରୀମନ୍ଦିରରେ ବ୍ୟବହାର କରାଯାଉଥିବା 'ଓଲାଉଠା' ଶବ୍ଦର ଅର୍ଥ କ'ଣ ?
ଉ - ଏହା ଏକ ପ୍ରାଚୀନ ଶବ୍ଦ । ଏହା ହଇଜା, ଝାଡ଼ାବାନ୍ତି ରୋଗକୁ ବୁଝାଏ । ସେତେବେଳେ ରଥଯାତ୍ରା ବେଳେ ଏଥିରେ ବହୁ ଲୋକ ମୃତ୍ୟୁ ବରଣ କରୁଥିଲେ ।

୩. ପ୍ର - ଶ୍ରୀମନ୍ଦିର ଯାନି ଯାତ୍ରା ପରିପ୍ରେକ୍ଷୀରେ 'ଓଲାର' କହିଲେ କ'ଣ ବୁଝାଏ?
ଉ - ଏହା ଏକ ପ୍ରକାର ବଡ଼ ଛତା । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଶୋଭା ଯାତ୍ରାରେ ଏହା ବ୍ୟବହୃତ ହୋଇଥାଏ ।

୪. ପ୍ର - ଶ୍ରୀମନ୍ଦିରରେ ବ୍ୟବହାରିକ ଶବ୍ଦ 'କଅଁଳ ପୁଳି' କହିଲେ କ'ଣ ବୁଝାଏ
ଉ - ଶ୍ରୀମନ୍ଦିରରେ ଭୋଗ ସକାଶେ ବଟା ବିରିରେ ନଡ଼ିଆ ଓ ମସଲା ପଡ଼ି ପ୍ରସ୍ତୁତି ହୋଇଥିବା ଏକ ପ୍ରକାର ପିଷ୍ଟକ ବିଶେଷ ।

୫. ପ୍ର - ଶ୍ରୀମନ୍ଦିରରେ 'କଉଡ଼ି' କ'ଣ ଗୁରୁତ୍ୱ ବହନ କରେ ?
ଉ - ଏହା ଏକ ସାମୁଦ୍ରିକ ଜୀବ । ଏହାକୁ ଅତି ପବିତ୍ର ମନେକରି ଦେବଦେବୀ ପୂଜାରେ ବ୍ୟବହାର କରାଯାଏ । ଶ୍ରୀମନ୍ଦିରରେ ଆଶ୍ୱିନ ପୂର୍ଣ୍ଣିମା ବା କୁମାର ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କ ବାଡ଼ (ପକ୍ଷ) ଓ ଶ୍ରୀଲକ୍ଷ୍ମୀଙ୍କ ବାଡ଼ (ପକ୍ଷ) ମଧ୍ୟରେ କଉଡ଼ି ଖେଳ ହୁଏ । ଶ୍ରୀଜଗନ୍ନାଥଙ୍କ ପ୍ରତିନିଧିତ୍ୱ କରନ୍ତି ମୁଦିରସ୍ତ ଏବଂ ଶ୍ରୀଲକ୍ଷ୍ମୀଙ୍କର ପ୍ରତିନିଧିତ୍ୱ କରନ୍ତି ଭିତରଛ ମହାପାତ୍ର । ଏକୋଇଶ କଉଡ଼ି, ଏକୋଇଶି ରୂପା କଉଡ଼ି, ପଶା, ଶକଟା ରାତିସାରା ଖେଳ ହୁଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଯୁଗେ ଯୁଗେ ରଥଯାତ୍ରା .....

## ୧୯୧୯ ମସିହା ପୁରୀ ରଥଯାତ୍ରା

(ଭାଗ-୫୪-ସଂଖ୍ୟା ୨୭ - ତା. ୫ ରିଖ, ଜୁଲାଇ)

ଅନବସର ଶେଷେ ତା୨୮ରିଖ ଶନିବାର ସକାଳେ ତାଟି ଫିଟି ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା । ସ୍ଥାନୀୟ ଭଦ୍ରଲୋକମାନେ ଦର୍ଶନ କଲା ପରେ ସାଧାରଣ ଯାତ୍ରୀ ଦର୍ଶନ କରିଥିଲେ । ଅନ୍ୟାନ୍ୟ ବର୍ଷପରି ସିଂହଦ୍ୱାରରେ ସରକାରୀ ପୁଲୀଶ ଓ ଭିତରେ ମନ୍ଦିର ପୁଲୀଶ ନିଯୁକ୍ତ ରହି ଦର୍ଶନର ସୁବ୍ୟବସ୍ଥା କରିଥିଲେ । ମଧ୍ୟାହ୍ନ ପ୍ରାୟ ଘ୧୨ଣ୍ଟାରେ ଦର୍ଶନ ବନ୍ଦ ହୋଇ ନେତ୍ରୋତ୍ସବାଦି ଯଥାବିଧି ସମ୍ପନ୍ନ ହୋଇଥିଲା । ସକାଳଧୂପ ଶେଷେ ତିନିରଥକୁ ଆଜ୍ଞାମାଳ ଆସିବା ପୂର୍ବରୁ ରଥମାନଙ୍କର ଚିତ୍ରମଣ୍ଡନାଦି ସମସ୍ତ କାର୍ଯ୍ୟ ନିଃଶେଷ ହୋଇଥିଲା । ପରଦିନ ଶ୍ରୀଗୁଣ୍ଡିଚା ଦିନ ପ୍ରାୟ ଘ୮ଣ୍ଟାରେ ଖେଚେଡ଼ି ଭୋଗ ହୁଅନ୍ତେ ଘ୯ଣ୍ଟାରେ ଠାକୁରମାନେ ପହଣ୍ଡି ବିଜୟ କରି ମଧ୍ୟାହ୍ନ ଘ୧୨ଣ୍ଟାରେ ରଥାରୁଢ଼ ହେଲେ । ଚରମାର ଫିଟି ସାରଥି ସ୍ଥାପନା ଓ ଅଶ୍ୱ ଯୋଜନାରେ କିଛି ସମୟ ଅତୀତ ହୋଇଥିଲା । ପରେ ତିନି ରଥରେ ଦଉଡ଼ି ଲାଗି ଯଥାକ୍ରମେ ରଥଟଣା ଆରମ୍ଭ ହେଲା । ଯାତ୍ରୀମାନେ ଖରା ତେଜରେ ଗଳଦ୍‌ଘର୍ମ ହୋଇ ଜୟଧ୍ୱନିରେ ଗଗନ, ମେଦିନୀ କମ୍ପାଇ ରଥଟଣାରେ ଯୋଗ ଦେଇଥିଲେ । କେହି ୨ ଯାତ୍ରୀ ଭିଡ଼ ଓ ଗରମରେ ଅଜ୍ଞାନ ହୋଇ ପଡ଼ିବାରୁ



ସ୍ୱେଚ୍ଛାସେବକ ଛାତ୍ରବୃନ୍ଦ ସେମାନଙ୍କ ସେବା କରୁଥିଲେ । ଗତବର୍ଷ ଶ୍ରୀଜଗନ୍ନାଥଦେବଙ୍କ ରଥ ଆଘାତରେ ଅପମୃତ୍ୟୁ ଘଟିଥିବାରୁ ଏ ବର୍ଷ କର୍ତ୍ତୃପକ୍ଷ ବିଶେଷ ସତର୍କତା ଅବଲମ୍ବନ କରିଥିଲେ କିନ୍ତୁ ବଳଦେବ ଜୀଉଙ୍କ ରଥ ଏକପାଖକୁ ମାଡ଼ି ଯାଇ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଏକ ପଥର କୂଅର ଚଟାଣରେ ଅଟକି ଯିବାରୁ କୂଅର କେତେକ ଅଂଶରୁ ପଥର ତାଡ଼ି ତାହାର ସନ୍ନିହିତ କେତେ ଗୋଟା ଚାଳିଘର ଭାଙ୍ଗିବାରେ ପ୍ରାୟ ଏକଘଣ୍ଟା ଲାଗିଗଲା । ପରେ ମୋଡ଼ ଦଉଡ଼ି ଲାଗିବାରୁ ରଥ ଯଥା ସ୍ଥାନକୁ ଆନୀତ ହେଲା ଏବଂ ସନ୍ଧ୍ୟା ସୁଦ୍ଧା ବଳଦେବଜୀଉ ଓ ସୁଭଦ୍ରାଦେବୀଙ୍କ ରଥ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ଉପସ୍ଥିତ ହେଲେ କିନ୍ତୁ ସମୟାଭାବରୁ ଶ୍ରୀଜଗନ୍ନାଥ ଦେବଙ୍କ ରଥ ଗୁଣ୍ଡିଚା ମନ୍ଦିରର କିଛି ଦୂରରେ ରହିଗଲେ । ତା. ୩୦ରିଖ ସୋମବାର ଅପରାହ୍ନ ପ୍ରାୟ ଘ୪ଣ୍ଟା ସମୟେ ଶ୍ରୀଜଗନ୍ନାଥ ଦେବଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ଉପସ୍ଥିତ ହେବାରୁ ଠାକୁରମାନେ ପହଣ୍ଡି ବିଜେ କରି ରାତ୍ର ଘ୧୦ଣ୍ଟାରେ ଗୁଣ୍ଡିଚା ମନ୍ଦିର ସିଂହାସନରେ ଆରୋହଣ କଲେ । ସେହି ରାତ୍ରରୁ ସେଠାରେ ଶ୍ରୀଜୀଉଙ୍କର ଅନ୍ନଭୋଗ ଯଥା ନିୟମରେ ସମ୍ପନ୍ନ ହେଉଅଛି ।

ରଥଯାତ୍ରା ଚାରି ଦିନ ପୂର୍ବରୁ ଦିନ୨ ଯାତ୍ରୀ ସଂଖ୍ୟା ବୃଦ୍ଧି ସଙ୍ଗେ ଘରଭଡ଼ା ମଧ୍ୟ ବଢ଼ିଥିଲା । ଅତିରିକ୍ତ ଯାତ୍ରୀଯୋଗୁଁ ସ୍ପେଶାଲ ଟ୍ରେନ ଆସିଥିଲା । ଶ୍ରୀଗୁଣ୍ଡିଚା ଦିନ ପ୍ରାୟ ହ୫୦ଜାର ଯାତ୍ରୀ ସମବେତ ହୋଇଥିଲେ । ବଙ୍ଗାଳି ଯାତ୍ରୀ ସଂଖ୍ୟା ଅଧିକ ଥିଲା । ଯାତ୍ରା ମଧ୍ୟରେ ସମସ୍ତ ଲଜିଂ ହାଉସ୍ ପୂର୍ଣ୍ଣ ହୋଇଯିବାରୁ ହେଲଥ ଅଫିସରଙ୍କ ଆଦେଶ ମତେ ଅତିରିକ୍ତ ଘର ପାଶ ହୋଇଥିଲା । ●

ଆସନ୍ତା ତା. ୨୭.୧୧.୨୦ ରିଖ ଶୁକ୍ରବାର ଦିନ ଶ୍ରୀବିଗ୍ରହମାନଙ୍କ ନାଗାର୍ଜ୍ଜୁନ ବେଶ ଅନୁଷ୍ଠିତ ହେବା ପାଇଁ ନୀତି ସ୍ଥିର ହୋଇଛି । ଗତ ତା. ୨୯.୧୦.୨୦ ରିଖ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକରେ ନାଗାର୍ଜ୍ଜୁନ ବେଶର ନୀତି ନିର୍ଘଣ୍ଟ ଅନୁମୋଦିତ ହୋଇଛି ।

## ଶ୍ରୀ ଶ୍ରୀଧର ସ୍ୱାମୀ

ପୁରୀ ଶଙ୍କରାନନ୍ଦ ମଠର ସ୍ୱାମୀ ଶ୍ରୀମଦ୍ ଭାଗବତ ମହାଗ୍ରନ୍ଥର ଭାରତ ବିଖ୍ୟାତ ଟୀକା 'ଭାବାର୍ଥ ଦୀପିକା'ର ଟୀକାକାର ଶ୍ରୀଧର ସ୍ୱାମୀଙ୍କ ଜନ୍ମ କାଳ ଜଣା ନଥିଲେ ମଧ୍ୟ, ସେ ଚତୁର୍ଦ୍ଦଶ ଶତାବ୍ଦୀର ଜଣେ ମହାନ୍ ପଣ୍ଡିତ ଥିଲେ । ରେମୁଣା କ୍ଷୀରଚୋରା ଗୋପୀନାଥଙ୍କ ନିକଟବର୍ତ୍ତୀ ମରେଇ ଗାଁରେ ଜନ୍ମିତ ଶ୍ରୀଧରସ୍ୱାମୀ, ପିଲାଟି ବେଳରୁ ସଂସାର ବିରାଗୀ ହୋଇ ଶ୍ରୀରାମକୃଷ୍ଣା ନନ୍ଦ ସ୍ୱାମୀଙ୍କ ଶିଷ୍ୟତ୍ୱ ଗ୍ରହଣ କରି, ଢ଼େଙ୍କାନାଳ ସ୍ଥିତ କପିଳାସ ଠାରେ ଚନ୍ଦ୍ରଶେଖରଙ୍କ ମନ୍ଦିର ଦାୟିତ୍ୱରେ ରହିଲେ । ଗଙ୍ଗବଂଶୀ ରାଜା ପ୍ରତାପଭାନୁ ଦେବଙ୍କ ଦ୍ୱାରା ନିର୍ମିତ ଏ ମନ୍ଦିରରୁ ପରବର୍ତ୍ତୀ ସମୟରେ ଶ୍ରୀକ୍ଷେତ୍ର ଆସି ଆଚାର୍ଯ୍ୟ ଶଙ୍କରଙ୍କ ଅଦ୍ୱୈତ ପନ୍ଥୀ ମଠ- ଶଙ୍କରାନନ୍ଦ ମଠର ପଞ୍ଚମ ଅଧ୍ୟକ୍ଷ ବା ସ୍ୱାମୀ ଭାବରେ ଦାୟିତ୍ୱ ଗ୍ରହଣ କଲେ ।

ଶ୍ରୀଧର ସ୍ୱାମୀ ଗୁରୁଙ୍କ ଠାରୁ ନୃସିଂହ ମନ୍ତ୍ର ଗ୍ରହଣ କରିଥିଲେ ଏବଂ ସର୍ବଦା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନୃସିଂହ ଭାବରେ ଆରାଧନା କରୁଥିଲେ । ତାଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ହେଉଛନ୍ତି 'ଅନନ୍ତ ଲକ୍ଷ୍ମୀ ନୃସିଂହ'ଙ୍କ ସ୍ୱରୂପ । ଲକ୍ଷ୍ମୀ ନୃସିଂହଙ୍କ ଉପାସନା କରି ତାଙ୍କରି ଆଶୀର୍ବାଦରୁ ଶ୍ରୀମଦ୍ ଭାଗବତର ଟୀକା ପ୍ରସ୍ତୁତ କରି ଶ୍ରୀଜଗନ୍ନାଥଙ୍କୁ ସନ୍ତୁଷ୍ଟ କରି ପାରିଥିଲେ ।

ଶ୍ରୀମଦ୍ ଭାଗବତ ଗୀତା ପଣ୍ଡିତମାନଙ୍କର ଅହଙ୍କାର ଥିଲା ଯେ ସେମାନେ ଭାଗବତର ଅର୍ଥ ବୁଝି ପାରୁଛନ୍ତି ଅର୍ଥ ତାଙ୍କ ଠାରୁ ପଣ୍ଡିତ କେହି ନାହାଁନ୍ତି । ଭାଗବତର ଏହି କଠିନତ୍ୱକୁ ଭାବାର୍ଥ ଦୀପିକା ମାଧ୍ୟମରେ ଶ୍ରୀଧର ସ୍ୱାମୀ ସରଳ କରିଦେଇଥିଲେ । ଶ୍ରୀଧରଙ୍କ ଟୀକାକୁ ପଣ୍ଡିତମାନେ ଗ୍ରହଣ କଲେ ନାହିଁ ବରଂ ଏ କାର୍ଯ୍ୟ ପାଇଁ ତାଙ୍କ ବିରୁଦ୍ଧରେ ରାଜାଙ୍କ ସମ୍ମୁଖରେ ଅଭିଯୋଗ ଆଣିଲେ । ରାଜା କିଛି ସମାଧାନ କରି ପାରିଲେ ନାହିଁ ଏବଂ ସବୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଛାଡ଼ି ଦେଲେ । ଭାଗବତର ମୂଳ ଗ୍ରନ୍ଥ ସହ ଟୀକାକୁ ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଶ ପରେ ମନ୍ଦିର ଗର୍ଭଗୃହରେ ରଖି ଦେଇ ଦ୍ୱାର ବନ୍ଦ କରିଦିଆଗଲା । ପରଦିନ ଦ୍ୱାର ଫିଟା ପରେ ଦେଖାଗଲା, ଶ୍ରୀଧରସ୍ୱାମୀଙ୍କ ଟୀକାଟି ଉପରେ ଅଛି ଏବଂ ତା ଉପରେ ଲେଖା ହୋଇଛି-

'ଅହଂ ବେତ୍ତି ଶୁକବେତ୍ତି ରାଜା ବେତ୍ତି ନବେତ୍ତିବା ।
ଶ୍ରୀଧରଃ ସକଳଂ ବେତ୍ତି ଲକ୍ଷ୍ମୀ ନୃସିଂହ ପ୍ରସାଦତଃ ॥'

ଅର୍ଥାତ୍ ପ୍ରଭୁ ଲେଖିଛନ୍ତି- ମୁଁ ଶ୍ରୀମଦ୍ ଭାଗବତ ରହସ୍ୟ ଜାଣେ । ଶୁକ ମୁନି ବି ଜାଣନ୍ତି । ରାଜା ଜାଣନ୍ତି କି ନାହିଁ କିନ୍ତୁ ଶ୍ରୀଧର ଲକ୍ଷ୍ମୀନୃସିଂହଙ୍କ ପ୍ରସାଦରୁ ସମସ୍ତ ବିଷୟ ଜାଣିପାରିଛନ୍ତି । ଏ କଥା ରାଜାଙ୍କୁ ଜଣାଇ ଦିଆଗଲା । ରାଜା ଏହା ଜାଣି ଶ୍ରୀଧର ସ୍ୱାମୀଙ୍କୁ ନିମନ୍ତ୍ରଣ କରି ସମ୍ବର୍ଦ୍ଧିତ କଲେ । ସେହି ଦିନ ଠାରୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଏହା ସର୍ବ ମାନ୍ୟ ଟୀକା ଭାବରେ ସନ୍ନ୍ୟାସୀ ବୈଷ୍ଣବ ଓ ଗୃହୀ ସମସ୍ତଙ୍କ ଠାରେ ଗୃହୀତ ହେଲା ।

ଶ୍ରୀଜଗନ୍ନାଥ ହିଁ ଆଦି ନୃସିହ ଏକଥା ଶ୍ରୀଧର ଗୋସ୍ୱାମୀ ଜାଣିଥିଲେ ଓ ସେହି ଅନୁସାରେ ପରବର୍ତ୍ତୀ ସମୟରେ ଅତିବଡ଼ୀ ଜଗନ୍ନାଥ ଦାସ ଶ୍ରୀଧର ସ୍ୱାମୀଙ୍କ ଟୀକାର ଓଡ଼ିଆ ଭାବାନୁବାଦ କରିବା କାଳରେ ଶ୍ରୀଜଗନ୍ନାଥଙ୍କ ଠାରେ ଅଚଳା ଭକ୍ତି ରଖି 'ନମଇଁ ନୃସିହ ଚରଣ'ରୁ ପଦ ଆରମ୍ଭ କରି ଭାଗବତ ରଚନା କରିଥିଲେ ।

● ସୁନୀଲ କୁମାର ରଥ, ଅବସରପ୍ରାପ୍ତ ରିଡ଼ର- ଉପର ନୂଆ ସାହି, ପୁରୀ

# କୋଭିଡ଼-୧୯ ପରିପ୍ରେକ୍ଷୀରେ ସର୍ବସାଧାରଣ ଦର୍ଶନ ପାଇଁ ଶ୍ରୀମନ୍ଦିର ଖୋଲାଯିବା ପ୍ରସ୍ତାବ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ବିସ୍ତୃତ ବିମର୍ଶ

ଶ୍ରୀମନ୍ଦିରକୁ ସାଧାରଣ ଭକ୍ତମାନଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଗତ ତା.୯.୧୦.୨୦ ଏବଂ ତା. ୧୨.୧୦.୨୦ରୁ ତା. ୧୬.୧୦.୨୦ରିଖ ପର୍ଯ୍ୟନ୍ତ ଛଅ ଦିନ ବ୍ୟାପି ମତାମତ ସଂଗ୍ରହ ଏବଂ ବିଚାର ବିମର୍ଷ କରିଥିଲା ଶ୍ରୀମନ୍ଦିର ପ୍ରଶାସନ । ନିଜେ ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ବିଭିନ୍ନ ସେବାୟତ ନିଯୋଗ ଏବଂ ବରିଷ୍ଠ ସେବାୟତ, ମୁକ୍ତିମଣ୍ଡପ ପଣ୍ଡିତବର୍ଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସହରର ସୁନାମଧନ୍ୟ ନାଗରିକ, ଶିକ୍ଷାବିତ୍, ସହରର ବିଭିନ୍ନ ବ୍ୟବସାୟ ସଂଘ, ହୋଟେଲ ସଂଘ, ବିଭିନ୍ନ ଅନୁଷ୍ଠାନ ସହ ବିଚାର ବିମର୍ଷ ଏବଂ ମତାମତ ସଂଗ୍ରହ କରିଥିଲେ । କୋଭିଡ୍-୧୯ କଟକଣା ଦୃଷ୍ଟିରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପର୍ଯ୍ୟାୟକ୍ରମେ ଉକ୍ତ ଛଅ ଦିନ ଆଲୋଚନାରେ ଭାଗ ନେଇଥିବା ସେବାୟତ ଓ ଅନୁଷ୍ଠାନମାନେ ହେଲେ-



ତା. ୯.୧୦.୨୦- ୪ ଗୋଟି ସେବାୟତ ନିଯୋଗ ଯଥା- ପ୍ରତିହାରୀ ନିଯୋଗ, ପୂଜାପଣ୍ଡା ନିଯୋଗ, ସୁଆର ମହାସୁଆର ନିଯୋଗ ଏବଂ ଖୁଣ୍ଟିଆ ନିଯୋଗ ।

ତା. ୧୨.୧୦.୨୦- ପୁଷ୍ପାଳକ ନିଯୋଗ, ମହାଜନ ନିଯୋଗ, ବିମାନବଡୁ ନିଯୋଗ, ବଡୁସୁଆର ନିଯୋଗ । ଏତଦ୍‌ବ୍ୟତୀତ ପାଟଯୋଷୀ, ତଲୁଛ, ପତିମହାପାତ୍ର, ଭିତରଛ, ଦେଉଳକରଣ, ତଢ଼ଉକରଣ ।

ତା. ୧୩.୧୦.୨୦- ସୁଆରବଡୁ, ପତ୍ରିବଡୁ, ହଡ଼ପନାୟକ, ମେକାପ, ଦଉମହାପାତ୍ର, ବିଡୁଆ, ପନ୍ତିବଡୁ, ବେହେରା, ପ୍ରଧାନୀନିଯୋଗ ମାନଙ୍କର ସଭାପତି ଏବଂ ସମ୍ପାଦକମାନେ ଯୋଗ ଦେଇଥିଲେ ।

ତା. ୧୪.୧୦.୨୦- ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି, ଦଇତାପତି ନିଯୋଗ, ସୁଦ୍ଧସୁଆର ନିଯୋଗ, ମୁଦୁଲି ନିଯୋଗ, ଘଟୁଆରୀ ନିଯୋଗ, ମହାସୁଆର ନିଯୋଗ, ଚୁନରା ନିଯୋଗ, ପାଣିଆପଟ ନିଯୋଗ, ଅଖଣ୍ଡ ମେକାପ ନିଯୋଗ ।

ତା. ୧୫.୧୦.୨୦- ସ୍ୱେଚ୍ଛାସେବୀ ଅନୁଷ୍ଠାନ, ୧୦ ଜଣ ସୁନାମଧନ୍ୟ ନାଗରିକ ଏବଂ ତା. ୧୬.୧୦.୨୦- ପୁରୀ ବ୍ୟବସାୟୀ ସଂଘ, ରେଳ ଷ୍ଟେସନ ଅଟୋ ମାଲିକ ସଂଘ, ଟ୍ୟାକ୍ସି ମାଲିକ ସଂଘ, ବସ ମାଲିକ ସଂଘ, ହୋଟେଲ ମାଲିକ ସଂଘ, ଟାଉନ ବସ ମାଲିକ ସଂଘ, ଡିଷ୍ଟ୍ରିବ୍ୟୁଟର ବ୍ୟବସାୟୀ ସଂଘ, ଧାର୍ମିକ ସେବା ସଂସ୍ଥା ବ୍ୟତୀତ ପୁରୀ ସହରର ବିଶିଷ୍ଟ ତଥା ବରିଷ୍ଠ ବ୍ୟକ୍ତିମାନଙ୍କ ମତାମତ ନିଆଯାଇଥିଲା । ଏହି ସବୁ ଆଲୋଚନାରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବଲୱନ୍ତ ସିଂ, ଶ୍ରୀମନ୍ଦିର ପରିଚାଳନା କମିଟିର ସେବାୟତ ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଫଟୋରେ ଅନ୍ୟାନ୍ୟ...



ତା. ୬.୧୦.୨୦ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଉପ-ପ୍ରଶାସକ (ଅର୍ଥ) ଶ୍ରୀ ତରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ 'ଅନ୍-ଲାଇନ ଦାନ' ସମ୍ପର୍କିତ ବୈଠକ ।



ତା. ୧୬.୧୦.୨୦ରେ ନୀଳାଦ୍ରି ନିବାସ ସମ୍ମିଳନୀ କକ୍ଷ ଠାରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ସେବାୟତ ଓ କର୍ମଚାରୀମାନଙ୍କ ପାଇଁ 'କରୋନା ରୋଗ ପ୍ରତିଶୋଧକ ଶକ୍ତି ବର୍ଦ୍ଧକ ହୋମିଓପଥିକ୍ ଔଷଧ ବଣ୍ଟନ ଶିବିର' ଅନୁଷ୍ଠିତ ହୋଇଯାଇଛି ।



ତା. ୨୭.୧୦.୨୦ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ 'ମୋ ଧାମ- ମୋ ପର୍ବ' କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକ ।



ତା. ୨୯.୧୦.୨୦ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ନାଗାର୍ଜୁନ ବେଶ' ସମ୍ପର୍କିତ ଛତିଶା ନିଯୋଗ ବୈଠକ ।

# ଫଟୋରେ ଖବର...

ତା.୧୭.୧୦.୨୦ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ 'ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ'ର ସମୀକ୍ଷା କରିଛନ୍ତି । ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀମନ୍ଦିର ଚତୁପାର୍ଶ୍ୱ ପରିକ୍ରମା କରୁଛନ୍ତି ରାଜ୍ୟ ଉନ୍ନୟନ କମିଶନର୍ ତଥା ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାରୀ ଅଧକ୍ଷ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର, ୫ଟି ସଚିବ ଶ୍ରୀଯୁକ୍ତ ଭି.କେ ପାଣ୍ଡିଆନ୍, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର, ପୁରୀ ଜିଲ୍ଲାପାଳ ବଲଓ୍ୱନ୍ତ ସିଂ, ଜିଲ୍ଲା ଆରକ୍ଷୀ ଅଧକ୍ଷକ ଶ୍ରୀଯୁକ୍ତ ଅଖିଳେଶ୍ୱର ସିଂ ଏବଂ ଅନ୍ୟାନ୍ୟ ଅଧିକାରୀବୃନ୍ଦ ।













# ମନୁଆ ଠାକୁରଙ୍କ ଭକ୍ତ ମନେଇ

ଶ୍ରୀଜଗନ୍ନାଥ ମହାପ୍ରଭୁ ବଡ଼ ମନୁଆ ଠାକୁର । ମନ ମାନିଥିଲେ ଭାଇଭଉଣୀଙ୍କ ସହିତ ରତ୍ନ ସିଂହାସନରେ ଚୁପ୍‌ଚାପ ବସି ରହନ୍ତି । ବରଷକ ମଧ୍ୟରେ ହେଉଥିବା ନାନା ପର୍ବପର୍ବାଣିରେ ନାନା ପ୍ରକାର ବେଶଭୂଷା ହୁଅନ୍ତି । ସକାଳେ ବଲ୍ଲଭ, ଦ୍ୱିପ୍ରହରେ ନାନା ପ୍ରକାର ଅନ୍ନବ୍ୟଞ୍ଜନ ସହ ଦ୍ୱିପ୍ରହର ଧୂପ, ସଂଧ୍ୟାରେ ସଂଧ୍ୟାଧୂପ, ରାତିରେ ବଡ଼ସିଂହାର ଭୋଗ ଲାଗି ହୋଇ ପହୁଡ଼ ହୁଅନ୍ତି । ଏକାଦଶୀରେ ଉପବାସରେ ରହନ୍ତି ନାହିଁ । ରଥଯାତ୍ରା ବେଳେ ରଥ ଉପରେ ବସିଗଲେ କେବଳ ଖଇକୋରା ଭୋଗ ଲାଗି ହୁଅନ୍ତି । ଭକ୍ତ ଜନସାଧାରଣ କହନ୍ତି ଷାଠିଏ ପଉଟି ଅନ୍ନ, ଛପନ ପ୍ରକାର କ୍ଷୀରି ପୁରୀ ବ୍ୟଞ୍ଜନ, ପିଠା ମିଠା ନ ହେଲେ ମହାପ୍ରଭୁ ମଣୋହି କରନ୍ତି ନାହିଁ । ବର୍ଷସାରା ମହାପ୍ରଭୁ ବିମ୍ବ ସ୍ନାନ କରନ୍ତି । ଦେବସ୍ନାନ ପୂର୍ଣ୍ଣିମା ତିଥିରେ ସ୍ନାନ ମଣ୍ଡପରେ ବିଜେ ହୋଇ ୧୦୮ ପୂର୍ଣ୍ଣ କୁମ୍ଭ ଜଳରେ ସର୍ବଜନ ସମକ୍ଷରେ ସ୍ନାନ କରନ୍ତି । ଫଳରେ ତାଙ୍କୁ ଥଣ୍ଡା ଜର ହୋଇଯାଏ । ପନ୍ଦର ଦିନ କାଳ ଅଣସର ଘରେ ରହି ଚିକିତ୍ସିତ ହୁଅନ୍ତି । ସୁସ୍ଥ ହେବାମାତ୍ରେ ନବଯୌବନ ବେଶ ଧରି ପହଣ୍ଡି ବିଜେ ହୁଅନ୍ତି, ବଡ଼ଦାଣ୍ଡରେ ସଜା ହୋଇ ରହିଥିବା ରଥ ଉପରକୁ । ରଥ ଚାଲେ ଗୁଣ୍ଡିଚାବାଡ଼ି । ପ୍ରିୟ ପାଠକେ, ଆପଣମାନେ ଭଲ ଭାବେ ଜାଣନ୍ତି ମହାପ୍ରଭୁ ଭକ୍ତର ଅଧୀନ । ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଭକତବଂଧୁ ସବୁକିଛି କରିପାରନ୍ତି । ପୁରୀ ଜିଲ୍ଲାର ବ୍ରହ୍ମଗିରି ଠାରୁ ଅଳ୍ପ ଦୂରରେ କାଣ୍ଡଗୋଦା ଗାଁ । ସେହି ଗାଁର ମନେଇ ସାହୁ ମହାପ୍ରଭୁଙ୍କର ପରମ ଭକ୍ତ । ଶୟନେ, ସ୍ୱପନେ, ଜାଗରଣେ ମହାପ୍ରଭୁଙ୍କ କଳିକଲ୍ମଷହାରୀ ନାମ ସ୍ମରଣ କରି ଚାଲିଥାନ୍ତି । ପ୍ରତିଦିନ ପ୍ରାତଃ କାଳରେ ସ୍ନାନ ତର୍ପଣ ସାରି ପାଦରେ ଚାଲି ଚାଲି ବାହାରି ପଡ଼ନ୍ତି ଶ୍ରୀକ୍ଷେତ୍ର ଅଭିମୁଖେ । କି ଖରା, କି ବର୍ଷା, କି ଶୀତ କାକରକୁ ତାଙ୍କର ଖାତିର ନ ଥାଏ । ସେତେବେଳେ ଗାଁକୁ ରାଜରାସ୍ତା ନଥିଲା । ହିଡ଼ ବାଟରେ ଚାଲି ଚାଲି ଯାଆନ୍ତି ଭକ୍ତ ମନେଇ । ଦିନକର କଥା । ପୁରୀ ଯିବା ବାଟରେ ମନେଇ ଦେଖିଲେ ବଗଟିଏ କଣ୍ଟିଆ ମାଛଟିକୁ ଗିଳିବାବେଳେ ମାଛର କଣ୍ଟା ବଗର ତଣ୍ଟିରେ ଲାଗିଯାଇଛି । ବଗଟି କଷ୍ଟରେ ଛଟପଟ ହେଉଛି । ବଗର କଷ୍ଟ ଦେଖି ମନେଇ ସାହୁ ଦଣ୍ଡେ ଠିଆ ହୋଇଗଲେ । କହିଲେ ମହାବାହୁ ! ବଗ ତଣ୍ଟିରୁ କଣ୍ଟା ଖସିଯାଉ । ସତକୁ ସତ ବଗ ତଣ୍ଟିରୁ କଣ୍ଟା ଖସିଗଲା । ବଗଟି ସାଷ୍ଟମ ହୋଇ ଉଡ଼ିଗଲା । ମହାପ୍ରଭୁଙ୍କୁ ଦଣ୍ଡବତ ପ୍ରଣାମ କରି ମନେଇ ଚାଲିଲେ ପୁରୀ ଅଭିମୁଖେ । ଦିନ ପରେ ଦିନ ଗଡ଼ି ଚାଲିଲା । ମନେଇ ସାହୁଙ୍କ ବୟସ ବଢ଼ି ଚାଲିଲା । ପୁରୀକୁ ଚାଲି ଚାଲି ଯିବା ସମ୍ଭବ ହେଲା ନାହିଁ । ବାଟରେ ଥକା ହୋଇ ବସି ପଡ଼ନ୍ତି । ଡାକନ୍ତି ହେ ପତିତପାବନ । ତୁମେ ପରା ଭକ୍ତର ଜୀବନଧନ । ଭକ୍ତର ଆକୁଳ ପ୍ରାର୍ଥନାରେ ତୁମ ହୃଦୟ ତରଳି ଯାଏ । ମୋ ଜୀବନର ସଂଜ ହୋଇ ଆସୁଛି । ପ୍ରତିଦିନ ତୁମକୁ ଦର୍ଶନ ନ କରି ମୁଁ ବଞ୍ଚିପାରିବି ନାହିଁ । ତୁମେ ଚାହିଁଲେ ମୋ କୁଡ଼ିଆ ଘର ପାଖ ଗଳିଆରେ ବିଜେ ହୋଇପାରନ୍ତ । ସେହିଠାରେ ମୁଁ ତୁମର କଳିକଲ୍ମଷହାରୀ ରୂପକାନ୍ତି ଦର୍ଶନ କରି ଧନ୍ୟ ହୁଅନ୍ତି । ମୋର ପ୍ରାର୍ଥନା ତୁମେ ଦାରୁ ହୋଇ ଆମ ଗାଁ ନଈକୂଳରେ ଲାଗିବ । ମୁଁ ସେହି ଦାରୁରେ ତୁମ ଭୁବନମୋହନ ରୂପ ଗଠନ କରି ପୂଜା କରିବି । ତୁମର ପତିତ ଉଦ୍ଧାରଣ ବାନା ଫର ଫର ହୋଇ ଉଡ଼ିବ । ସେ ବର୍ଷ ନବକଳେବର ବେଳେ ଦେଖାଗଲା କାଣ୍ଡଗୋଦା ପାଖ ନଈକୂଳରେ ଦାରୁ ଲାଗିଛି । ଖବର ପାଇ ନଈକୂଳକୁ ଧାଇଁଗଲେ ଭକ୍ତ ମନେଇ । ଏତେବଡ଼ ଦାରୁଙ୍କୁ କାନ୍ଧରେ କାନ୍ଧେଇ ଧରି ପହଞ୍ଚିଲେ ଗାଁ ଦାଣ୍ଡରେ । ପୁରୀରୁ ବିଶ୍ୱକର୍ମାଙ୍କୁ ନିମନ୍ତ୍ରଣ କରି ଆଣିଲେ ଏବଂ ବିଶ୍ୱକର୍ମା ଦାରୁ ବିଗ୍ରହ ନିର୍ମାଣ କରିଦେଲେ । ଗ୍ରାମବାସୀଙ୍କ ସହାୟତାରେ ମନ୍ଦିରଟିଏ ନିର୍ମାଣ କରାଗଲା ଏବଂ ମହାପ୍ରଭୁ ସେହି ମନ୍ଦିରରେ ପୂଜା ପାଇଲେ । କାଣ୍ଡଗୋଦା ଗାଁର ସେହି ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାବେଳେ ଭକ୍ତମାନେ ଭାବବିହ୍ୱଳ ହୋଇ କହିଥାନ୍ତି ଧନ୍ୟ ଭକ୍ତ ମନେଇ । ମନୁଆ ଠାକୁରଙ୍କୁ ମନେଇ ପାରିଲ ।



*ଶ୍ରୀ ଶଂକର୍ଷଣ ମଂଗରାଜ*

● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## ନଭେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୧.୧୧.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ରମା ଏକାଦଶୀ |
| ତା. ୧୫.୧୧.୨୦ ରିଖ ରବିବାର | ଦୀପାବଳୀ ଅମାବାସ୍ୟା |
| ତା. ୧୬.୧୧.୨୦ ରିଖ ସୋମବାର | ଶ୍ରୀମନ୍ଦିରରେ ବିଛା ସଂକ୍ରାନ୍ତି |
| ତା. ୨୩.୧୧.୨୦ ରିଖ ସୋମବାର | ଅଁଳା ନବମୀ |
| ତା. ୨୫.୧୧.୨୦ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ହରିଉତ୍ଥାପନ ଓ ଲକ୍ଷ୍ମୀନାରାୟଣ ବେଶ |
| ତା. ୨୬.୧୧.୨୦ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବାଙ୍କଚୂଡ଼ ବେଶ ଓ ଗରୁଡ଼ ଉତ୍ଥାପନ |
| ତା. ୨୭.୧୧.୨୦ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନାଗାର୍ଜ୍ଜୁନ ବେଶ |
| ତା. ୨୮.୧୧.୨୦ ରିଖ ଶନିବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଡାଳିକିଆ ବେଶ ବା ତ୍ରିବିକ୍ରମ ବେଶ |
| ତା. ୨୯.୧୧.୨୦ ରିଖ ରବିବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନୃସିଂହ ବେଶ |
| ତା. ୩୦.୧୧.୨୦ ରିଖ ସୋମବାର | ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀଜୀଉଙ୍କ ରାଜାଧିରାଜ ବେଶ |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

*ସୌଜନ୍ୟ-* OMC | ODISHA

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Mob. : 94370-222145**

ମୂଲ୍ୟ : ଦୁଇଟଙ୍କା ମାତ୍ର